


# ବିଷାକ୍ତ ଜୀବନାଶକର
# ସଠିକ୍ ଓ ନିରାପଦ
# ବ୍ୟବହାର





ସୁରକ୍ଷିତ ଆଚରଣ
ସୁଖୀ ଜୀବନ

କୃଷି ଓ ଖାଦ୍ୟ ଉତ୍ପାଦନ
ନିର୍ଦ୍ଦେଶାଳୟ, ଓଡ଼ିଶା

# ବିଷାକ୍ତ ଜୀବନାଶକର ସଠିକ୍ ଓ ନିରାପଦ ବ୍ୟବହାର

ଫସଲକୁ କୀଟ ଓ ରୋଗ ଆକ୍ରମଣରୁ ରକ୍ଷା କରିବା ପାଇଁ କୃଷକମାନଙ୍କୁ ସମୟ ସମୟରେ ରାସାୟନିକ ଜୀବନାଶକ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ଜୀବନାଶକ ଗୁଡ଼ିକ ଅନିଷ୍ଟକାରୀ ଜୀବମାନଙ୍କ ପାଇଁ ବିଷାକ୍ତ ହୋଇଥାଏ ଏବଂ ଉପକାରୀ ଜୀବ ଓ ମନୁଷ୍ୟମାନଙ୍କ ପାଇଁ ମଧ୍ୟ ବିଷାକ୍ତ ହୋଇଥାଏ । ଯଦିଓ ଫସଲରେ କୀଟ ଓ ରୋଗ ଆକ୍ରମଣ ପ୍ରତିହତ କରିବା ପାଇଁ ବିଷାକ୍ତ ଜୀବନାଶକ ପ୍ରୟୋଗ ଶେଷ ପନ୍ଥା ଭାବରେ ଗ୍ରହଣ କରାଯିବା ଆବଶ୍ୟକ ତଥାପି ଅନେକ କ୍ଷେତ୍ରରେ ଏହାର ପ୍ରୟୋଗ ଦରକାର ହୋଇଥାଏ ।

ଅନେକ ସମୟରେ ସଚେତନତା ଅଭାବରୁ କୃଷକ ବିଷ ପ୍ରୟୋଗ ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ କରେ ନାହିଁ ଯାହା ଦ୍ୱାରା କି ଫସଲରେ କୀଟ ଓ ରୋଗ ଆକ୍ରମଣ କମ୍ ହୁଏ ନାହିଁ, ବରଂ ବିଷାକ୍ତତା ହେତୁ ଚାଷୀର ଶରୀରରେ କ୍ଷତି ପହଞ୍ଚିବାର ସମ୍ଭାବନା ସୃଷ୍ଟି ହୁଏ ।

ରାସାୟନିକ ଜୀବନାଶକର ସଠିକ୍ ଓ ଉପଯୁକ୍ତ ତଥା ନିରାପଦ ବ୍ୟବହାର, ଜୀବନାଶକ ଜନିତ ବିଷାକ୍ତତାର ଲକ୍ଷଣ, ପ୍ରୟୋଗ ସମୟରେ ସତର୍କତା ଓ ପ୍ରାଥମିକ ଚିକିତ୍ସା ସମ୍ବନ୍ଧରେ ଏହି ପୁସ୍ତିକାଟିରେ ଆଲୋଚନା କରାଯାଇଛି ।

କୃଷି ସଂପ୍ରସାରଣ କର୍ମଚାରୀ ଓ ଅଧିକାରୀମାନଙ୍କୁ ଏହି ପୁସ୍ତିକା ପଠନ କରି କୃଷକମାନଙ୍କୁ ସଚେତନ କରାଇବା ପାଇଁ ପରାମର୍ଶ ଦିଆଯାଇଛି ।

## ବିଷାକ୍ତତା ଅନୁଯାୟୀ ଜୀବନାଶକର ଶ୍ରେଣୀକରଣ

ଜୀବନାଶକ ଗୁଡ଼ିକର ବିଷଗୁଣ କେତେକ ପ୍ରାଣୀଙ୍କ ଉପରେ ପରୀକ୍ଷାକରି ନିରୂପଣ କରାଯାଇଛି । ଜୀବନାଶକର ଯେଉଁ ମାତ୍ରା ବା ପରିମାଣ ଦ୍ୱାରା ପରୀକ୍ଷା ହୋଇଥିବା ପ୍ରାଣୀଗୁଡ଼ିକ ମଧ୍ୟରୁ ପଚାଶ ଶତାଂଶ ମୃତ୍ୟୁ ମୁଖରେ ପଡ଼ନ୍ତି ସେହି ମାତ୍ରାକୁ ମଧ୍ୟମା ମୃତ୍ୟୁଜନିତ ମାତ୍ରା ବା ଇଂରାଜୀରେ $LD_{50}$ (Median Lethal

Dose 50) କୁହାଯାଏ । ଜୀବନାଶକ ଦ୍ରବ୍ୟର ବିଷାକ୍ତତା $LD_{50}$ ରେ ପ୍ରକାଶ କରାଯାଏ । ମୂଷାର ମୁଖ $LD_{50}$ ଓ ଚର୍ମ $LD_{50}$ ଅନୁଯାୟୀ ଜୀବନାଶକକୁ ୪ ଭାଗରେ ବିଭକ୍ତ କରାଯାଇଛି ।

କ) ସାଂଘାତିକ ବିଷାକ୍ତ – ଠିକିରି ଚିହ୍ନର ତଳ ତ୍ରିକୋଣଟି ଲାଲ ରଙ୍ଗ ହୋଇଥାଏ । ଉପର ତ୍ରିକୋଣରେ ଖପୁରୀ ଓ ଛନ୍ଦା ହୋଇଥିବା ହାଡ଼ର ଚିହ୍ନ ଥାଏ । ଠିକ୍ ତା ତଳେ ବିଷାକ୍ତ ଲେଖାହୋଇଥାଏ ।




ମୂଷାର ମୁଖ $LD_{50}$ର ମାତ୍ରା ୧–୫୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ଏବଂ ମୂଷାର ଚର୍ମ $LD_{50}$ର ମାତ୍ରା ୧–୨୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ବିଷ ଏହି ଶ୍ରେଣୀଭୁକ୍ତ ।

ଖ) ଅତ୍ୟଧିକ ବିଷାକ୍ତ – ଠିକିରି ଚିହ୍ନର ତଳ ତ୍ରିକୋଣଟି ହଳଦିଆ ରଙ୍ଗ ହୋଇଥାଏ । ଉପର ତ୍ରିକୋଣଟି ଧଳା ଓ ତା ମଧ୍ୟରେ ବିଷାକ୍ତ ବୋଲି ଲେଖା ହୋଇଥାଏ ।




ମୂଷାର ମୁଖ $LD_{50}$ ର ମାତ୍ରା ୫୧–୫୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ଏବଂ ମୂଷାର ଚର୍ମ $LD_{50}$ ର ମାତ୍ରା ୨୦୧–୨୦୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ବିଷ ଏହି ଶ୍ରେଣୀଭୁକ୍ତ ।

ଗ) ମଧ୍ୟମ ବିଷାକ୍ତ – ଠିକିରି ଚିହ୍ନର ତଳ ତ୍ରିକୋଣଟି ନୀଳ ରଙ୍ଗ ହୋଇଥାଏ । ଉପର ତ୍ରିକୋଣରେ ବିପଦ ବୋଲି ଲେଖା ହୋଇଥାଏ ।




ମୂଷାର ମୁଖ $LD_{50}$ ର ମାତ୍ରା ୫୦୧–୫୦୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ଏବଂ ମୂଷାର ଚର୍ମ $LD_{50}$ ର ମାତ୍ରା ୨୦୦୧–୨୦,୦୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ବିଷ ଏହି ଶ୍ରେଣୀଭୁକ୍ତ ।

ଘ) ସାମାନ୍ୟ ବିଷାକ୍ତ – ଠିକିରି ଚିହ୍ନର ତଳ ତ୍ରିକୋଣଟି ସବୁଜ ରଙ୍ଗ ହୋଇଥାଏ । ଉପର ତ୍ରିକୋଣରେ ସାବଧାନ ବୋଲି ଲେଖା ହୋଇଥାଏ ।

ମୂଷାର ମୁଖ $LD_{50}$ ର ମାତ୍ରା $>$ ୫୦୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ଏବଂ ମୂଷାର ଚର୍ମ $LD_{50}$ ର ମାତ୍ରା $>$୨୦,୦୦୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ବିଷ ଏହି ଶ୍ରେଣୀଭୁକ୍ତ ।



## ଜୀବନାଶକର ସଫଳ ଓ ସଠିକ୍ ପ୍ରୟୋଗ

ଫସଲ ଉପରେ ଜୀବନାଶକ ପ୍ରୟୋଗର ସଫଳତା ନିମ୍ନ କାରଣ ଗୁଡ଼ିକ ଉପରେ ନିର୍ଭର କରେ ।

### ୧. ପୋକ / ରୋଗ ସହ ଜୀବନାଶକ ପ୍ରୟୋଗର ସମ୍ପର୍କ

ସବୁବେଳେ ଜୀବନାଶକର ସଫଳତା, ପ୍ରୟୋଗର ପ୍ରକୃତ ସମୟ, ପ୍ରଣାଳୀ, ମାତ୍ରା, ରୋଗ, ସୂତ୍ର କୃମି, ଅନାବନା ଘାସ, କୀଟମାନଙ୍କର ଜୀବନ ଚକ୍ର ଓ ରହିବା ସ୍ଥାନ ଉପରେ ନିର୍ଭର କରେ ।

### ୨. ପାଣିପାଗ ଅନୁଯାୟୀ

- ଜୀବନାଶକ ସକାଳ କିମ୍ବା ଅପରାହ୍ନରେ ପ୍ରୟୋଗ କରନ୍ତୁ । ମଧ୍ୟାହ୍ନରେ କୌଣସିମତେ ପ୍ରୟୋଗ କରନ୍ତୁ ନାହିଁ ।
- ପବନର ବେଗ ଘଣ୍ଟାକୁ ୧୨ କି.ମି.ରୁ ଅଧିକ ଥିଲେ ଜୀବନାଶକ ପ୍ରୟୋଗ କରନ୍ତୁ ନାହିଁ ।
- ପବନ ବହିବା ଦିଗକୁ ସିଞ୍ଚନ (spraying) / ବିଞ୍ଚନ (dusting) କରନ୍ତୁ । (ଚିତ୍ର ନଂ-୧)
- ଜୀବନାଶକ ମିଶ୍ରଣକୁ ପତ୍ର ଉପର ଶୁଖିଲା ଥିବା ସମୟରେ ସିଞ୍ଚନ କରନ୍ତୁ ଓ ପତ୍ରରେ କାକର କିମ୍ବା ଓଦା ଥିବାବେଳେ ବିଞ୍ଚନ କରନ୍ତୁ ।
- ଖୁବ୍ ନିକଟରେ ବର୍ଷା ହେବାର ସମ୍ଭାବନା ଥିଲେ ଜୀବନାଶକ ପ୍ରୟୋଗ କରନ୍ତୁ ନାହିଁ ।

### ୩. ଜୀବନାଶକ ପ୍ରୟୋଗ ପାଇଁ ସଠିକ୍ ଯନ୍ତ୍ର

- **ସିଞ୍ଚନ ପାଇଁ :** ଅଧିକ ମାତ୍ରାର ସିଞ୍ଚନ ପାଇଁ (High Volume Spraying) ବଜାରରେ ମିଳୁଥିବା ସିଞ୍ଚନ ଯନ୍ତ୍ରଗୁଡ଼ିକ ବ୍ୟବହାର କରନ୍ତୁ ।
  - ହସ୍ତଚାଳିତ ସିଞ୍ଚନ ଯନ୍ତ୍ର
    - ହାଇଡ୍ରୋଲିକ୍ ପମ୍ପ୍ (Hydraullic Pumps) ଥିବା ନାପ୍‌ସାକ ସ୍ପ୍ରେୟର, ଗୋଡ଼ଚାଳିତ ସ୍ପ୍ରେୟର, ରକିଙ୍ଗ୍ ସ୍ପ୍ରେୟର ।
    - ପବନ ପମ୍ପ୍ (Air Pump) ଥିବା ନାପ୍‌ସାକ ସ୍ପ୍ରେୟର । (Compression Knapsack Sprayer)
  - ଯନ୍ତ୍ରଚାଳିତ ସିଞ୍ଚନ ଯନ୍ତ୍ର
    - ଚକ ଉପରେ କିମ୍ବା ଏକ ଫ୍ରେମ୍ ଉପରେ ଖଞ୍ଜାଯାଇଥିବା ଯନ୍ତ୍ର ଚାଳିତ ସିଞ୍ଚନ ଯନ୍ତ୍ର ।

- ଟ୍ରାକ୍ଟର ଉପରେ ଖଞ୍ଜାଯାଇଥିବା ସିଞ୍ଚନ ଯନ୍ତ୍ର ।
- ଟ୍ରାକ୍ଟର ଦ୍ୱାରା ଟଣାଯାଉଥିବା ସିଞ୍ଚନ୍ତ ଯନ୍ତ୍ର (Tractor Driven Power Sprayer)

- **ବିଞ୍ଚନ ପାଇଁ :** ଗୁଣ୍ଡ ଜୀବନାଶକକୁ ହାତରେ ବିଞ୍ଚନ ନ କରି ନିମ୍ନ ବିଞ୍ଚନ ଯନ୍ତ୍ର (Duster) ବ୍ୟବହାର କରି ବିଞ୍ଚନ କରନ୍ତୁ ।
  - ହସ୍ତଚାଳିତ ପେଟ ପାଖରେ ରହୁଥିବା ବା ପିଠିରେ ରହୁଥିବା ବିଞ୍ଚନ ଯନ୍ତ୍ର ।
  - ଯନ୍ତ୍ରଚାଳିତ ବିଞ୍ଚନ ଯନ୍ତ୍ର କିମ୍ୱା ଟ୍ରାକ୍ଟର ଦ୍ୱାରା ଚାଳିତ ବିଞ୍ଚନ ଯନ୍ତ୍ର ।
  - ଯନ୍ତ୍ରଚାଳିତ ସିଞ୍ଚନ ଓ ବିଞ୍ଚନ ଯନ୍ତ୍ର ।
- **ଦାନାଦାର କୀଟନାଶକ ପ୍ରୟୋଗ ପାଇଁ :** ଦାନାଦାର ଜୀବନାଶକ ଯନ୍ତ୍ର ସାହାଯ୍ୟରେ କିମ୍ୱା ରବର ଗ୍ଲୋବସ୍ (Gloves) ପିନ୍ଧି ହାତରେ ପ୍ରୟୋଗ କରନ୍ତୁ ।
- **ବିହନ ବିଶୋଧନ ପାଇଁ :** ହସ୍ତଚାଳିତ ବିଶୋଧକ ଯନ୍ତ୍ର ବ୍ୟବହାର କରନ୍ତୁ କିମ୍ୱା ଦେଶୀୟ ପଦ୍ଧତିରେ ମାଠିଆ ବ୍ୟବହାର କରନ୍ତୁ ।

## ୪. ଜୀବନାଶକ ମିଶ୍ରଣର ସଠିକ୍ ମାତ୍ରା

- କେବଳ ଅନୁମୋଦିତ ଜୀବନାଶକ ପ୍ରୟୋଗ କରନ୍ତୁ ।
- ଗଛକୁ ସମାନ ଭାବରେ ଓ ପୂର୍ଣ୍ଣ ମାତ୍ରାରେ ଓଦା କରିବା ପାଇଁ ଅଧିକ ମାତ୍ରାର ସିଞ୍ଚନ ପାଇଁ କ୍ଷେତ ଫସଲରେ ହେକ୍ଟର ପ୍ରତି ୩୨୫-୭୦୦ ଲିଟର ଓ ବଗିଚା ଫସଲରେ ହେକ୍ଟର ପ୍ରତି ୧୦୦୦-୧୫୦୦ ଲିଟର ଘୋଳ ସିଞ୍ଚନ କରନ୍ତୁ ।

## ୫. ସିଞ୍ଚନ ସମୟରେ ଜୀବନାଶକ ମିଶ୍ରଣ ବୁନ୍ଦାର ସଠିକ୍ ଆକାର

ସମାନ ଭାବରେ କୀଟନାଶକ ପ୍ରୟୋଗ, ସିଞ୍ଚନ ସମୟରେ ନୋଜଲରୁ ବାହାରୁଥିବା ଘୋଳ ବୁନ୍ଦାର ଆକାର ଉପରେ ନିର୍ଭର କରେ । ତେଣୁ ଠିକ୍ ସିଞ୍ଚନ ପାଇଁ ଠିକ୍ ନୋଜଲ ବାଛିବା ନିହାତି ଆବଶ୍ୟକ । ହସ୍ତଚାଳିତ ସିଞ୍ଚନ ଯନ୍ତ୍ରରେ ନିମ୍ନ ନୋଜଲଗୁଡ଼ିକ ବ୍ୟବହାର ହୁଏ ।

- **ତୃଣନାଶକ ପ୍ରୟୋଗ ପାଇଁ**
  - ଫ୍ଲାଟ୍ ଫ୍ୟାନ୍ ନୋଜଲ୍ (Flat Fan Nozzle) 'V' ଆକାରର କଟାଯାଇଥିବା ଦୁଇଟି ଘରା (Grooves) ମଧ୍ୟମରୁ ବଡ଼ ବଡ଼ ବୁନ୍ଦା ବାହାରିବାରେ ସାହାଯ୍ୟ କରେ । ଏହା ଦ୍ୱାରା ସିଞ୍ଚନ କୋଣ (Spray Angle) ଛୋଟରୁ ମଧ୍ୟମ ହୁଏ (ଚିତ୍ର ନଂ- ୨ (i))

- » ଫ୍ଲଡ୍ ଜେଟ୍ ନୋଜଲ୍ (Flood Jet Nozzle) ବଡ଼ ବଡ଼ ବୁନ୍ଦା ବାହାରେ, ପବନରେ ବହିନଯାଇ ଠିକ୍ ତଳକୁ ପଡ଼େ । ବଡ଼ ସିଞ୍ଚନ କୋଣ ସୃଷ୍ଟି କରୁଥିବାରୁ ଅଧକ ଜାଗା ସିଞ୍ଚନ ପାଇଁ ସୁବିଧା ହୁଏ । (ଚିତ୍ର ନଂ - ୨(ii))

- ⏩ **ଜୀବନାଶକ ଓ ଫିମ୍ପିନାଶକ ପ୍ରୟୋଗ ପାଇଁ**
  - » ହୋଲୋକୋନ ନୋଜଲ (Hollow Cone Nozzle) Ring Type ଖୁବ୍ ଛୋଟବୁନ୍ଦା ସୃଷ୍ଟିକରେ, ଗୋଲାକାର କୋଣ ଆକାରରେ ପଡ଼େ । ମଧ ଭାଗରେ ଖୁବ୍ କମ୍ ମାତ୍ରାରେ ବା ଜମା ମିଶ୍ରଣ ପଡ଼େ ନାହିଁ । (ଚିତ୍ର ନଂ-୩(i))
  - » ସଲିଡ୍ କୋନ୍ ନୋଜଲ୍ (Solid Cone Nozzle) Disc Type ଖୁବ୍ ଛୋଟ ଛୋଟ ବୁନ୍ଦା ବାହାରେ । ଗୋଲାକାର କୋଣଟି ପୁରାପୁରି ପୂର୍ଣ୍ଣ ରହେ । (ଚିତ୍ର ନଂ- ୩ (ii))
  - » ଟ୍ରିପଲ୍ ଆକ୍ସନ୍ (Tripple Action Nozzle) ସରୁ ଧାରରେ ନିର୍ଗତ ହେବାଠାରୁ କୋଣ ଆକାର ହୁଏ । (ଚିତ୍ର ନଂ-୩ (iii))

## ୬. ଜୀବନାଶକ ପ୍ରୟୋଗ ସମୟରେ ସାଧାରଣ ସାବଧାନତା


- ⏩ ପ୍ରୟୋଗ ସମୟରେ ସାଧାରଣ ଭାବରେ ଏବଂ ଏକ ସମାନ ଗତିରେ ଚାଲନ୍ତୁ ।
- ⏩ ସିଞ୍ଚନ ଯନ୍ତରେ ସବୁବେଳେ ସମାନ ଚାପ ରହିବାଭଳି ଚାଲନ୍ତୁ ।
- ⏩ ତୃଣନାସକ ପ୍ରୟୋଗ ସମୟରେ କେବଳ ଲକ୍ଷ୍ୟ କରାଯାଉଥିବା ତୃଣ ବ୍ୟତୀତ ଅନ୍ୟ ଗଛ ଉପରେ ପ୍ରୟୋଗ କରନ୍ତୁ ନାହିଁ ।
- ⏩ ଜୀବନାଶକକୁ ସମାନ ଭାବରେ ପ୍ରୟୋଗ କରନ୍ତୁ ।
- ⏩ ନୋଜଲକୁ ଭୂମିଠାରୁ ୪୫-୫୫ ସେ.ମି. ଉପରେ ରଖନ୍ତୁ ।

## ୭. ସିଞ୍ଚନ ଯନ୍ତର ଯତ୍ନ


ସିଞ୍ଚନ ସରିଗଲା ପରେ ସଫା ପାଣି ଓ ଲୁଗାସଫା ଖାରରେ ସିଞ୍ଚନ ଯନ୍ତ୍ରକୁ ଭଲଭାବରେ ଧୁଅନ୍ତୁ । ୨-୪-ଡି. ଓ ଅନ୍ୟାନ୍ୟ ତୃଣନାଶକ ପ୍ରୟୋଗ କରିଥଲେ ଯତ୍ନର ସହ ଭଲ ଭାବରେ ସଫା କରନ୍ତୁ ।




ଚିତ୍ର-୧




ଚିତ୍ର-୨




ଚିତ୍ର-୩




ଚିତ୍ର-୪




ଚିତ୍ର-୫

## ସଠିକ୍ ମାତ୍ରାରେ ଜୀବନାଶକ ପ୍ରୟୋଗର ହିସାବ

ପ୍ରତି ହେକ୍ଟର ଜମି ପାଇଁ ପ୍ରାୟ ୫୦୦ ଲିଟର ଜୀବନାଶକ ମିଶ୍ରଣ ଦରକାର ପଡ଼ିଥାଏ । ମାତ୍ର ଗଛର ବୃଦ୍ଧି ଅନୁସାରେ ଏହା କମ୍ ବେଶୀ ହୁଏ । କେତେକ କ୍ଷେତ୍ରରେ କୃଷି ବୈଜ୍ଞାନିକମାନେ ଜୀବନାଶକରେ ଥିବା କ୍ରିୟାଶୀଳ ଅଂଶ ଅନୁସାରେ ଅନୁମୋଦନ କରିଥାନ୍ତି । ସେପରି କ୍ଷେତ୍ରରେ ସଠିକ୍ ମାତ୍ରାରେ ଜୀବନାଶକ ପ୍ରୟୋଗ କରିବା ପାଇଁ ନିମ୍ନ ମତେ ହିସାବ କରାଯାଏ ।

### ତରଳ ବିଷ

ସୂତ୍ର :- ବ୍ୟବସାୟିକ ପ୍ରସ୍ତୁତି ପରମାଣ ଲିଟରରେ = $\frac{\text{ଆବଶ୍ୟକ ପାଣିର ପରିମାଣ X \% ସିଞ୍ଚନ (ଅନୁମୋଦିତ ଗାଢ଼ତା)}}{\text{କ୍ରିୟାଶୀଳ ଅଂଶ (a.i.)}}$

### ଉଦାହରଣ

- ଅନୁମୋଦିତ ଗାଢ଼ତା - ୦.୦୪%
- ହେକ୍ଟର ପ୍ରତି ପାଣିର ପରିମାଣ - ୫୦୦ ଲିଟର
- କ୍ରିୟାଶୀଳ ଅଂଶ - ୨୦% କ୍ଲୋରପାଇରିଫସ୍
- ପ୍ରୟୋଗ କରାଯିବା କ୍ଷେତ୍ରର ଆୟତନ - ୦.୪ ହେକ୍ଟର (ଏକ ଏକର)

**ପ୍ରଶ୍ନ:** ୦.୪ ହେକ୍ଟର ଜମିରେ ପ୍ରୟୋଗ କରିବା ପାଇଁ କେତେ ପରିମାଣର କ୍ଲୋରପାଇରିଫସ୍ ଆବଶ୍ୟକ ?

**ଉତ୍ତର:** ୦.୪ ହେକ୍ଟର ପାଇଁ ଆବଶ୍ୟକ ହେଉଥିବା ଜଳ ପରିମାଣ ୫୦୦ X ୦.୪ = ୨୦୦ ଲିଟର । ଆବଶ୍ୟକ ବିଷ ଲିଟର ଆକାରରେ = $\frac{\text{୨୦୦ X ୦.୪}}{\text{୨୦}}$ = ୦.୪ ଲିଟର କିମ୍ବା ୪୦୦ ମି.ଲି.

### ସେଚିତ ଗୁଣ୍ଡ

ସୂତ୍ର :- ବ୍ୟବସାୟିକ ପ୍ରସ୍ତୁତି ବିଷ କି.ଗ୍ରା.ରେ = $\frac{\text{ଆବଶ୍ୟକ ପାଣିର ପରିମାଣ X \% ସିଞ୍ଚନ ଗାଢ଼ତା}}{\text{ବିଷର ଶତକଡ଼ା କ୍ରିୟାଶୀଳ ଅଂଶ}}$

## ଉଦାହରଣ

- ହେକ୍ଟର ପ୍ରତି ଅନୁମୋଦିତ ପରିମାଣ - ୦.୨୫ %
- ହେକ୍ଟର ପ୍ରତି ପାଣିର ପରିମାଣ - ୫୦୦ ଲିଟର
- ଡାଇଫେନ୍‌ଥ୍ୟୁରନ୍‌ର କ୍ରିୟାଶୀଳ ଅଂଶ - ୫୦ % ସେଚିତ ଗୁଣ୍ଡ
- ପ୍ରୟୋଗ କରିବା କ୍ଷେତ୍ରର ଆୟତନ - ୦.୪ ହେକ୍ଟର

**ପ୍ରଶ୍ନ** : ୦.୪ ହେକ୍ଟର ଜମିରେ ପ୍ରୟୋଗ କରିବା ପାଇଁ କେତେ ପରିମାଣର ୫୦% ଡାଇଫେନ୍‌ଥ୍ୟୁରନ୍ ଆବଶ୍ୟକ ?

**ଉତ୍ତର** :

ଆବଶ୍ୟକ ହେଉଥିବା ବିଷ କି.ଗ୍ରା. ଆକାରରେ $= \frac{୨୦୦ \times ୦.୨୫}{୫୦} =$ ୧ କି.ଗ୍ରା.

## ଦାନାଦାର ବିଷ

ସୂତ୍ର :- ଦାନାଦାର ବିଷର ପରିମାଣ (କି.ଗ୍ରା.) $= \frac{\text{ହେକ୍ଟର ପ୍ରତି ଅନୁମୋଦିତ ପରିମାଣ କି.ଗ୍ରା.} \times \text{ବିଷ ପ୍ରୟୋଗ କ୍ଷେତ୍ର} \times ୧୦୦}{\text{ବିଷର ଶତକଡ଼ା କ୍ରିୟାଶୀଳ ଅଂଶ}}$

## ଉଦାହରଣ

ହେକ୍ଟର ପ୍ରତି ଅନୁମୋଦିତ କ୍ରିୟାଶୀଳ ଅଂଶ ପରିମାଣ - ୦.୦୪ କି.ଗ୍ରା.

ବିଷ ପ୍ରୟୋଗ କ୍ଷେତ୍ର - ୦.୪ ହେକ୍ଟର

କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୦.୪ଜି. ଅର୍ଥାତ କ୍ରିୟାଶୀଳ ଅଂଶ


**ପ୍ରଶ୍ନ** : ୦.୪ ହେକ୍ଟର ଜମିରେ ପ୍ରୟୋଗ କରିବା ପାଇଁ କେତେ ପରିମାଣର କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୦.୪ଜି. ଆବଶ୍ୟକ ?

**ଉତ୍ତର** :

ଦାନାଦାର ବିଷର ପରିମାଣ (କି.ଗ୍ରା.) $= \frac{୦.୦୪ \times ୦.୪ \times ୧୦୦}{୦.୪} =$ ୪ କି.ଗ୍ରା.



୧. ନଷ୍ଟ ହୋଇଯାଇଥିବା ଜୀବନାଶକ କିଣନ୍ତୁ ନାହିଁ ।





୨. ବିଷାକ୍ତ ଜୀବନାଶକ ପରିବହନ ସମୟରେ ଯାତ୍ରୀ ଓ ଖାଦ୍ୟ ପଦାର୍ଥ ଠାରୁ ଦୂରେଇ ରଖନ୍ତୁ ।



୩. ଜୀବନାଶକକୁ ଅଲଗା ରଖନ୍ତୁ ।



୪. ଜୀବନାଶକକୁ ପିଲାମାନଙ୍କ ଠାରୁ ଦୂରରେ ରଖନ୍ତୁ ।



୫. ସର୍ବଦା ଜୀବନାଶକ ପ୍ୟାକେଟ୍ / ଡବା ଉପରେ ଥିବା ଲେଖାକୁ ପଢ଼ନ୍ତୁ ଓ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।



୬. ଜୀବନାଶକ ମିଶ୍ରଣ କରିବା ପାଇଁ ଉପଯୁକ୍ତ ମାପ ଯନ୍ତ୍ର ବ୍ୟବହାର କରନ୍ତୁ ।



୭. ଖୋଲା ହାତରେ କେବେବି ଜୀବନାଶକ ବ୍ୟବହାର କରନ୍ତୁ ନାହିଁ କି ଗୋଳାନ୍ତୁ ନାହିଁ ।



୮. ପେଡାଲ କିମ୍ବା କାଠି ସାହାଯ୍ୟରେ ଜୀବନାଶକ ମିଶ୍ରଣକୁ ଭଲଭାବରେ ଗୋଳାନ୍ତୁ ।



୯. ବ୍ୟବହାର ପାଇଁ ସିଞ୍ଚନ ଯନ୍ତ୍ର ଓ ଯନ୍ତ୍ରାଂଶ ଠିକ୍ ସମୟରେ ମିଳୁଛି କି ନାହିଁ ଦେଖନ୍ତୁ ।



୧୦. ଶରୀରକୁ ପୋଷାକରେ ଆବୃତ୍ତ କରନ୍ତୁ ।




୧୧. ପିଲାମାନଙ୍କୁ ଜୀବନାଶକ ପ୍ରୟୋଗ କରିବାରେ ଉପଯୋଗ କରନ୍ତୁ ନାହିଁ ।




୧୨. ଖୁବ୍ ନିକଟରେ ବର୍ଷାର ସମ୍ଭାବନା ଥିଲେ ଜୀବନାଶକ ପ୍ରୟୋଗ କରନ୍ତୁ ନାହିଁ ।




୧୩. ପବନ ବହୁଥିବା ଦିଗକୁ ଜୀବନାଶକ ସିଞ୍ଚନ କରନ୍ତୁ ନାହିଁ ବା ବିଞ୍ଚନ୍ତୁ ନାହିଁ ।



୧୪. ଫଟା କିମ୍ବା ଖରାପ ଯନ୍ତ୍ର କେବେହେଲେ ବ୍ୟବହାର କରନ୍ତୁ ନାହିଁ ।



୧୫. ପ୍ରତ୍ୟେକ ଦିନର ବ୍ୟବହାର ପରେ ଜୀବନାଶକ ସିଞ୍ଚନ ଯନ୍ତ୍ରକୁ ଭଲଭାବରେ ସଫା କରନ୍ତୁ ।



୧୬. ଅନୁମୋଦିତ ଶରୀର ସୁରକ୍ଷାକାରୀ ଉପକରଣ ଯଥା - ମାସ୍କ, ଗ୍ଲୋବ୍ ଓ ଚଷମା ପରିଧାନ କରନ୍ତୁ ।



୧୭. ପ୍ରତ୍ୟେକ ଦିନର କାର୍ଯ୍ୟ ଶେଷ ପରେ ପିନ୍ଧିଥିବା ଲୁଗାପଟା ସଫା କରନ୍ତୁ ।




୧୮. ମଇଳା ଦ୍ୱାରା ବନ୍ଦ ହୋଇଯାଇଥିବା ନୋଜଲ୍‌କୁ ମୁହଁରେ ଫୁଙ୍କି ସଫା କରନ୍ତୁ ନାହିଁ । ପାଣି ଓ ନରମ ତୁଳୀ ବ୍ୟବହାର କରି ସଫା କରନ୍ତୁ ।



୧୯. ବଳକା ଜୀବନାଶକ ଓ ବ୍ୟବହୃତ ସିଞ୍ଚନ ଯନ୍ତ୍ରକୁ ସେହି ଅବସ୍ଥାରେ ଛାଡ଼ନ୍ତୁ ନାହିଁ ।



୨୦.ଜୀବନାଶକ ଦ୍ୱାରା ସଂକ୍ରମିତ ଚର୍ମ ଓ ଲୁଗାପଟାକୁ ଭଲଭାବରେ ଧୁଅନ୍ତୁ ।




୨୧. କୌଣସି କାରଣରୁ ତରଳ ଜୀବନାଶକ ଢ଼ାଳିଗଲେ ସେଠାରୁ ଲୋକମାନଙ୍କୁ ଓ ଗୃହପାଳିତ ପଶୁପକ୍ଷୀମାନଙ୍କୁ ଦୂରେଇ ଦିଅନ୍ତୁ । ବାଲି କିମ୍ବା କରତ ଗୁଣ୍ଡ ପକାଇ ଏହାକୁ ଭିଜାଇ ଦିଅନ୍ତୁ ।




୨୨. ଗାଡ଼ିରେ ଜୀବନାଶକ ଢ଼ାଳି ଯାଇଥିଲେ ପାଣି ପକାଇ ଭଲଭାବରେ ଧୋଇ ଦିଅନ୍ତୁ ।



୨୩. ଯଦି କୌଣସି ଖାଦ୍ୟ ପଦାର୍ଥରେ ଜୀବନାଶକ ମିଶି ଯାଇଥିବାର ଅନୁଭବ ହୁଏ ତେବେ ସେହି ଖାଦ୍ୟ ପଦାର୍ଥ ପୋତି ଦିଅନ୍ତୁ ।




୨୪. ଠିପି ଭାଙ୍ଗିଯାଇଥିବା ଜୀବନାଶକ ଡବା / ବୋତଲ କିଣନ୍ତୁ ନାହିଁ ।



୨୫. ଜୀବନାଶକକୁ ଅନ୍ୟ ଡବା/ ବୋତଲରେ ଖୋଲି ଆଉଥରେ ପ୍ୟାକ୍ କରନ୍ତୁ ନାହିଁ ।




୨୬. ପ୍ରତ୍ୟେକ ଯନ୍ତ୍ରପାତି ବ୍ୟବହାର ପରେ ସଫା କରନ୍ତୁ ।




୨୭. ତରଳ ଜୀବନାଶକକୁ ସାବଧାନତା ସହକାରେ ଢ଼ାଳନ୍ତୁ ଏବଂ ତରଳ ଢ଼ାଳି ନଯିବା ପାଇଁ ପର୍ଯ୍ୟାପ୍ତ ସାବଧାନତା ଗ୍ରହଣ କରନ୍ତୁ ।




୨୮. ଗୁଣ୍ଡ ଜାତୀୟ ଜୀବନାଶକ ଡବା ଖୋଲିବା ସମୟରେ ଯତ୍ନବାନ୍ ହୁଅନ୍ତୁ ଯେପରି ଏହା ହଟାତ୍ ଉଠି ନ ଆସେ ।



୨୯. ଖାଲି ଡବା / ବୋତଲ ଗୁଡ଼ିକୁ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ।



୩୦. ପିଇବା ପାଇଁ ଉଦ୍ଦିଷ୍ଟ ପାଣି ବୋତଲରେ କୌଣସିମତେ ଜୀବନାଶକ ରଖନ୍ତୁ ନାହିଁ ।





୩୧. ଖାଦ୍ୟ ପଦାର୍ଥ କିମ୍ବା ପାଣି ରଖିବା ପାଇଁ କେବେହେଲେ ଖାଲି ଜୀବନାଶକ ବୋତଲ / ଡବା ବ୍ୟବହାର କରନ୍ତୁ ନାହିଁ ।





୩୨. ଜୀବନାଶକ ପ୍ରୟୋଗ କରାଯାଇଥିବା ଜମିରେ ଲଗାଇଯାଇଥିବା ସତର୍କ ସୂଚନାକୁ ମାନନ୍ତୁ ।



୩୩. ଜୀବନାଶକ ପ୍ରୟୋଗ ପରେ ଯଦି ଖାଇବା ବା ଧୂମପାନ କରିବା ପାଇଁ ଚାହାନ୍ତି ତେବେ ହାତ ମୁହଁ ଓ ଅନ୍ୟାନ୍ୟ ଅଙ୍ଗଗୁଡ଼ିକୁ ଭଲଭାବରେ ପାଣିରେ ଧୋଇ ସଫା କରନ୍ତୁ ।




୩୪. ଜୀବନାଶକ ଅପବ୍ୟବହାର କରି ପରିବେଶକୁ ସଂକ୍ରମିତ କରନ୍ତୁ ନାହିଁ ।








୩୫. ଜୀବନାଶକ ମଣିଷ ଶରୀରରେ ଚର୍ମ ଦ୍ୱାରା, ପାଟି ଦ୍ୱାରା ଓ ପ୍ରଶ୍ୱାସ ଦ୍ୱାରା ପ୍ରବେଶ କରେ ତେଣୁ ସେଥିପ୍ରତି ସତର୍କ ରୁହନ୍ତୁ ।




୩୬. ଯଦି କୌଣସି ବ୍ୟକ୍ତି ବିଷ ଦ୍ୱାରା ସଂକ୍ରମିତ ହୁଅନ୍ତି ତେବେ ପାଖରେ ଥିବା ଡାକ୍ତରଙ୍କ ପାଖକୁ ତୁରନ୍ତ ନେଇ ଯାଆନ୍ତୁ ଓ ଡାକ୍ତରଙ୍କୁ ଡବାରେ ଥିବା ସୂଚନାପତ୍ରକୁ ଦେଖାନ୍ତୁ ।



୩୭. ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କଲେ ତୁରନ୍ତ କୃତ୍ରିମ ଉପାୟରେ ନିଶ୍ୱାସ ପ୍ରଶ୍ୱାସ ଦିଅନ୍ତୁ ।



୩୮. ଯଦି ଶରୀରର କୌଣସି ଅଂଶ ଜୀବନାଶକ ଦ୍ୱାରା ସଂକ୍ରମିତ ହୁଏ ତେବେ ଦେହରୁ ଲୁଗାପଟା କାଢ଼ି ଆକ୍ରାନ୍ତ ଚର୍ମକୁ ଭଲଭାବରେ ଧୁଅନ୍ତୁ ।



୩୯. ଯଦି ଆଖି ଜୀବନାଶକ ଦ୍ୱାରା ସଂକ୍ରମିତ ହୁଏ ତେବେ ୧୦ ମିନିଟ୍ ପର୍ଯ୍ୟନ୍ତ ସଫା ପାଣିରେ ଭଲଭାବରେ ଧୁଅନ୍ତୁ ।

# ବିଷାକ୍ତ ଜୀବନାଶକ ପ୍ରଭାବରୁ ଅସୁସ୍ଥ ରୋଗୀର ପ୍ରାଥମିକ ଚିକିତ୍ସା

ବିଷାକ୍ତ ଜୀବନାଶକ ବ୍ୟବହାର ସମୟରେ ସାବଧାନତା ଅବଲମ୍ବନ ନ କଲେ ଏହା ଚର୍ମ, ପାଟି କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ଦେଇ ଶରୀରରେ ପ୍ରବେଶ କରେ । ଏହାର ପ୍ରଭାବରେ ବିଭିନ୍ନ ପ୍ରକାରର ଲକ୍ଷଣ ଦେଖାଦିଏ ଓ ରୋଗୀ ମୃତ୍ୟୁବରଣ କରିପାରେ । ତେଣୁ ଏପରି ରୋଗୀ ପାଇଁ ସମୟ ନଷ୍ଟ ନ କରି ସାଙ୍ଗେ ସାଙ୍ଗେ ରୋଗୀକୁ ନିକଟସ୍ଥ ଡାକ୍ତରଖାନାକୁ ନେବାକୁ ହୁଏ କିମ୍ବା ଡାକ୍ତରଙ୍କୁ ଡାକିବାକୁ ହୁଏ । ମାତ୍ର ଏହା ପୂର୍ବରୁ ନିମ୍ନମେତେ ପ୍ରାଥମିକ ଚିକିତ୍ସା ପ୍ରଣାଳୀ ଅବଲମ୍ବନ କରାଯିବା ଉଚିତ୍ ।

## ୧. ଚର୍ମ ସଂକ୍ରମଣ ହୋଇଥିଲେ

- ରୋଗୀ ପିନ୍ଧିଥିବା ପୋଷାକ, ଜୋତା ଆଦି ଶୀଘ୍ର ଏବଂ ସଂପୂର୍ଣ୍ଣ ଭାବରେ କାଢ଼ିଦିଅନ୍ତୁ ।
- ଚର୍ମ, ଚକ୍ଷୁ ଓ ମୁଣ୍ଡବାଳରେ ଲାଗିଥିବା ବିଷକୁ ଯଥେଷ୍ଟ ପାଣିରେ ଧୋଇ ଦିଅନ୍ତୁ ।

## ୨. ଚକ୍ଷୁ ସଂକ୍ରମଣ ହୋଇଥିଲେ

ନିହାତି କମ୍‌ରେ ୧୦ ମିନିଟ୍ ପର୍ଯ୍ୟନ୍ତ ସ୍ୱଚ୍ଛ ନିର୍ମଳ ପାଣିଦ୍ୱାରା ସଫା କରନ୍ତୁ । (ଚିତ୍ର-୧) ପାଣି ନ ମିଳିଲେ ଶୁଖିଲା କନା କିମ୍ବା କାଗଜ ଦ୍ୱାରା ଧିରେ ଧିରେ ସଂକ୍ରମିତ ଜାଗାକୁ ପୋଛି ଦିଅନ୍ତୁ । କୌଣସି ମତେ ଚର୍ମ ଖଣ୍ଡିଆ ହେବା ପରି ଘସନ୍ତୁ ନାହିଁ ।

### କ) ବାନ୍ତି କରିବାର ସୂଚନା ଥିଲେ

- ରୋଗୀକୁ ଛିଡ଼ା କରାନ୍ତୁ କିମ୍ବା ବସାନ୍ତୁ ।
- ବାମହାତରେ ରୋଗୀର ଗାଲକୁ ଚାପି ଡାହାଣ ହାତର ମଝି ଦୁଇ ଆଙ୍ଗୁଠି ପାଟି ମଧ୍ୟକୁ ପସାଇ ତଣ୍ଟିକୁ ଧିରେଧିରେ ସଲସଲ କରନ୍ତୁ । (ଚିତ୍ର ନଂ -୨)
- ବାନ୍ତି ହୋଇଯିବା ପରେ କିମ୍ବା ବାନ୍ତି ନ ହେଲେ ଅଧଗ୍ଲାସ ପାଣିରେ ୩ ଚାମଚ ଆକ୍ଟିଭେଟେଡ ଚାରକୋଲ ମିଶାଇ ରୋଗୀକୁ ଦିଅନ୍ତୁ । ଏହା ଡାକ୍ତର ଆସିବା ପର୍ଯ୍ୟନ୍ତ ଚାଲୁ ରଖନ୍ତୁ ।
- କୌଣସି ମେତେ ଲୁଣପାଣି ଦିଅନ୍ତୁ ନାହିଁ ।

» ରୋଗୀକୁ ମଦ ପିଇବା କିମ୍ବା ଧୂମପାନ କରିବାକୁ ଦିଅନ୍ତୁ ନାହିଁ । ରୋଗୀକୁ ଆଦୌ କ୍ଷୀର ପିଇବାକୁ ଦିଅନ୍ତୁ ନାହିଁ ।

» ରୋଗୀକୁ ଏକ ପାଖିଆ କରି ଶୁଆନ୍ତୁ ଓ ମୁଣ୍ଡକୁ ଶରୀରର ଅନ୍ୟ ଭାଗ ଠାରୁ ତଳକୁ ରଖନ୍ତୁ, ଯେପରି ବିଶେଷ ବ୍ୟଥା ହେବ ନାହିଁ । (ଚିତ୍ର ନଂ-୩)

» ରୋଗୀର ଶ୍ୱାସ କ୍ରିୟା, ଚେତା ଅବସ୍ଥାକୁ ସଂପୂର୍ଣ୍ଣ ନିରୀକ୍ଷଣ କରନ୍ତୁ ।

## ଖ) ରୋଗୀ ଅଚେତ ହୋଇଥିଲେ

» ପାଟିବାଟେ କୌଣସି ଜିନିଷ ଦିଅନ୍ତୁ ନାହିଁ କି ବାନ୍ତି କରାନ୍ତୁ ନାହିଁ ।

» ଚିବୁକକୁ ଆଗକୁ ଓ ମୁଣ୍ଡକୁ ପଛକୁ ରଖନ୍ତୁ, ଯେପରି ରଗୀକୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସୁବିଧା ହେବ । (ଚିତ୍ର ନିଂ -୪)

## ଗ) ଶରୀରର ଉତ୍ତାପ

» ରୋଗୀ ଶରୀରର ଉତ୍ତାପ ଠିକ୍ ରହୁଛି କି ନାହିଁ ଅନୁଧ୍ୟାନ କରନ୍ତୁ ।

» ଉତ୍ତାପ ବୃଦ୍ଧି ପାଇ ଦେହରୁ ଝାଳ ବହୁଥିଲେ ଥଣ୍ଡା ପାଣି ମୁଣ୍ଡରେ ମାରି ଉତ୍ତାପ କମାଇବାକୁ ଚେଷ୍ଟା କରନ୍ତୁ । (ଚିତ୍ର ନଂ -୫)

» ରୋଗୀ ଶୀତ ଅନୁଭବ କରୁଥିଲେ କନ୍ଥା କିମ୍ବା କମ୍ବଳ ଘୋଡ଼ାଇ ଶରୀରର ସାଧାରଣ ଉତ୍ତାପ ରକ୍ଷାକରନ୍ତୁ । (ଚିତ୍ର ନଂ -୬)

## ଘ) ରୋଗୀ ଥରୁଥିଲେ

» ରୋଗୀର ଦାନ୍ତକୁ ଦାନ୍ତ ବାଜୁଥିଲେ ଦୁଇ ମାଢ଼ି ମଧ୍ୟରେ କନା ବିଣ୍ଡା ଦେଇ ରୋଗୀର ଦାନ୍ତକୁ ରକ୍ଷା କରନ୍ତୁ । (ଚିତ୍ର ନଂ -୭)

» କୌଣସି ମତେ ବଳ ପ୍ରୟୋଗ କରନ୍ତୁ ନାହିଁ ।

## ଙ) ରୋଗୀର ଶ୍ୱାସକ୍ରିୟା


» ରୋଗୀର ଶ୍ୱାସକ୍ରିୟାକୁ ଲକ୍ଷ୍ୟ କରନ୍ତୁ ।

» ରୋଗୀର ପାଟିରୁ ବାନ୍ତି, ଅନ୍ୟ ପଦାର୍ଥ, ବଳକା ଖାଦ୍ୟଦ୍ରବ୍ୟ ବାହାର କରି ଠିକ୍ ଭାବରେ ଶ୍ୱାସକ୍ରିୟା କରିବାକୁ ଦିଅନ୍ତୁ ।


» ଶ୍ୱାସକ୍ରିୟା ବନ୍ଦ ହେଲେ ଜିଭ ଓ ମୁହଁ ନୀଳ ପଡୁଛି କି ନାହିଁ ଲକ୍ଷ୍ୟ କରନ୍ତୁ ।




ଚିତ୍ର-୧




ଚିତ୍ର-୨



ଚିତ୍ର-୩



ଚିତ୍ର-୪




ଚିତ୍ର-୫



ଚିତ୍ର-୬



ଚିତ୍ର-୭



ଚିତ୍ର-୮

» ଶ୍ୱାସକ୍ରିୟା ବନ୍ଦ ହୋଇଥିଲେ ଚିବୁକକୁ ଆଗକୁ ଟାଣି ଆଣନ୍ତୁ ଯେପରି ଜିଭ ଭିତରକୁ ପଶି ନଯିବ ।

» ତଥାପି ଶ୍ୱାସକ୍ରିୟା ନ ହେଲେ ରୋଗୀକୁ ଚିତ୍ କରି ସୁଆଇ ଆଙ୍ଗୁଠିରେ ସଫା କନା ଗୁଡ଼ାଇ ପାଟିକୁ ଭଲ ଭାବରେ ପୋଛି ଦିଅନ୍ତୁ ।

» ରୋଗୀର ନାକକୁ ଚାପିଧରି ପାଟିକୁ ଫୁଙ୍କନ୍ତୁ ଏବଂ ପାଟିକୁ ଚାପି ନାକକୁ ଫୁଙ୍କନ୍ତୁ । ଛାତି ଠିକ୍ ହିସାବରେ ଧକ୍ ଧକ୍ ହେଉଛି କି ନା ଲକ୍ଷ୍ୟ କରନ୍ତୁ । ସାଧାରଣ ନିଃଶ୍ୱାସ ପ୍ରଶ୍ୱାସ ଚାଲିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରଖନ୍ତୁ । (ଚିତ୍ର ନଂ - ୮)

## ଡାକ୍ତରୀ ଚିକିତ୍ସା

- ପ୍ରାଥମିକ ଚିକିତ୍ସାରେ ରୋଗୀ ଉପଶମ ହେଲେ ମଧ୍ୟ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ଜୀବନାଶକ ଡବା ଉପରେ ଦିଆଯାଇଥିବା ପ୍ରାଥମିକ ଚିକିତ୍ସା ଓ ବିଷ ବିଷୟରେ ବିଷଦ ସୂଚନା ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଦିଅନ୍ତୁ ।

## ବିଷାକ୍ତ ଜୀବନାଶକ ପ୍ରଭାବରୁ ଅସୁସ୍ଥ ରୋଗୀର ଚିକିତ୍ସା

ଜୀବନାଶକର ଶ୍ରେଣୀ ବିଭାଗ ଅନୁଯାୟୀ ଲକ୍ଷଣ ଓ ଚିକିତ୍ସା ନିମ୍ନରେ ଦର୍ଶାଯାଇଛି ।

## କ) ଅର୍ଗାନୋକ୍ଲୋରିନ୍ସ୍

(ଡି.ଡି.ଟି., ଡାଇକୋଫଲ୍) ଅର୍ଗାନୋକ୍ଲୋରିନ୍ ଜୀବନାଶକ ଗୁଡ଼ିକ ଅଧିକ ଦିନ ରହିପାରୁଥିବା, ଚର୍ବିକୁ ତରଳାଇ ପାରୁଥିବା ଓ ଶରୀରର ସମସ୍ତ ଅଙ୍ଗକୁ ଯାଇ ପାରୁଥିବା ଜୀବନାଶକ । ଏହା ଶରୀରର କେନ୍ଦ୍ରୀୟ ସ୍ନାୟୁକୁ ଅଧିକ ଆକ୍ରମଣ କରେ । ଏହି ଜାତୀୟ ଜୀବନାଶକ ପ୍ରାୟ ଆଉ ବଜାରରେ ମିଳୁ ନାହିଁ ।

### ବିଷାକ୍ତତାର ଲକ୍ଷଣ

ବିଷାକ୍ତତାର ଲକ୍ଷଣ ଗୁଡ଼ିକ ହେଲା ଭୟ ଲାଗିବା, ମୁଣ୍ଡ ବିନ୍ଧିବା, ଘୁମେଇବା, ଅଣନିଃଶ୍ୱାସୀ ଲାଗିବା, ବାନ୍ତି ଲାଗିବା, ଅସହାୟ ଲାଗିବା, ଥରିବା ଓ ପତଳା ଝାଡ଼ା ହେବା । ଅଧିକ ମାତ୍ରାରେ ସଂକ୍ରମଣ ହୋଇଥିଲେ ଥରିବା ଓ ଗୋଡ଼ହାତ ଦୁର୍ବଳ ଲାଗିବା ଆଦି ଲକ୍ଷଣ ଦେଖାଯାଏ ।

## ଚିକିତ୍ସା

୧. ଖୋଲା ଯାଗାକୁ ନେଇଯାଆନ୍ତୁ ଓ ତାକୁ ଠିକ୍ ହିସାବରେ ଶ୍ୱାସକ୍ରିୟା କରିବାକୁ ଦିଅନ୍ତୁ । ଦରକାର ପଡ଼ିଲେ କୃତ୍ରିମ ଶ୍ୱାସକ୍ରିୟା କରାନ୍ତୁ ଓ ଅମ୍ଳଜାନ ଦିଅନ୍ତୁ ।

୨. ଡାୟାଜିପାମ୍ କିମ୍ବା ପାରାଲ୍‌ଡିହାଇଡ୍ କିମ୍ବା ଫେନୋବାର୍ବିଟଲ (ଦିନକୁ ୦.୭ ଗ୍ରାମ୍) କିମ୍ବା ପେଣ୍ଟାବାର୍ବିଟଲ (ଦିନକୁ ୦.୨୫-୦.୫ ଗ୍ରାମ୍ ) ଦେଇ ରୋଗୀ ଥରିବା ବନ୍ଦ କରାନ୍ତୁ ।

୩. ଶତକଡ଼ା ୧୦ ଭାଗ କ୍ୟାଲ୍‌ସିୟମ୍ ଗ୍ଲୁକୋନେଟ୍ ଶିରା ମଧ୍ୟକୁ ପ୍ରବେଶ କରାନ୍ତୁ ।

୪. ଅଧିକ ପ୍ରତିକ୍ରିୟା କ୍ଷେତ୍ରରେ କୋର୍ଟିକୋଲଷ୍ଟର ଦେଇ ଯକୃତ ଓ ଡାୟାଲିସିସ୍ କରି କିଡ଼୍‌ନି ସଂରକ୍ଷିତ କରିବା ଉଚିତ୍ ।

୫. ସ୍ନେହସାର ଜାତୀୟ ଖାଦ୍ୟ ନ ଦେଇ ଅଧିକ ପୁଷ୍ଟିସାର, ଶ୍ୱେତସାର ଓ କ୍ୟାଲ୍‌ସିୟମ ଖାଦ୍ୟ ଖାଇବାକୁ ଦିଅନ୍ତୁ ।

୬. ମରଫିନ୍, ଥିଓଫାଇଲିନ୍ କିମ୍ବା ଆମୋନୋଫାଇଲିନ୍ ଦିଅନ୍ତୁ ନାହିଁ ।

୭. ରୋଗୀ ଥରିବା ଆରମ୍ଭ କଲେ ୨୪-୪୮ ଘଣ୍ଟା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଦାୟିତ୍ୱର ସହିତ ନିରିକ୍ଷଣ କରନ୍ତୁ ।

## ଖ) ଅର୍ଗାନୋଫସ୍‌ଫେଟ୍

(ଏସିଫେଟ୍, କ୍ଲୋରପାଇରିଫସ୍, ଡାଇମେଥୋଏଟ୍, କୀଟାଜିନ୍, ମାଲାଥିଅନ୍, ମନୋକ୍ରୋଟୋଫସ୍, ଅକ୍ସିଡିମେଟନ୍ ମିଥାଇଲ୍, ଫୋସାଲନ୍, କ୍ୱିନାଲଫସ୍, ପ୍ରୋଫେନୋଫସ୍)

ଅର୍ଗାନୋଫସ୍‌ଫେଟ୍ ଜୀବନାଶକ ଗୁଡ଼ିକ ଖୁବ୍ ଶୀଘ୍ର ଚର୍ମ ଶ୍ୱାସନଳୀ ଓ ପାକସ୍ଥଳୀରେ ପ୍ରବେଶ କରି କୋଲିନ୍‌ଇଷ୍ଟରେଜ୍ ଏନ୍‌ଜାଇମ୍‌ର କାର୍ଯ୍ୟ ବନ୍ଦ କରେ । ତେଣୁ ସଙ୍ଗେ ସଙ୍ଗେ ଚିକିତ୍ସା ଦରକାର ପଡ଼େ । କୋଲିନ୍‌ଇଷ୍ଟରେଜ୍ କ୍ରିୟାକୁ ନିରୀକ୍ଷଣ କରି ନିଦାନ କରାଯାଏ ।

ଅର୍ଗାନୋଫସ୍‌ଫେଟ୍ ଜୀବନାଶକ ଦ୍ୱାରା ହେଉଥିବା ସଂକ୍ରମିତ ରୋଗୀ ପ୍ରାଥମିକ ଅବସ୍ଥାରେ ଅବସ ହେବା, ମୁଣ୍ଡବିନ୍ଧା ବା ଶ୍ୱାସକ୍ରିୟା ବାଧାପ୍ରାପ୍ତ ହେବା ଆଦି ଲକ୍ଷଣ ଦେଖାଏ । ପରେ ପରେ ଝାଳ ବୋହିବା, ବାନ୍ତି କରିବା, ତଳିପେଟ ମୋଡ଼ି ହୋଇ ବଥାଇବା, ପତଳା ଝାଡ଼ା ହେବା, ଆଖି ବଡ଼ ବଡ଼ ହୋଇଯିବା, ଆଖିପତାର ମାଂସ

ପେଶୀ ସଂକୁଚିତ ହେବା ଆଦି ଲକ୍ଷଣ ଦେଖାଏ । ଅଧିକ ହେଲେ ଶ୍ୱାସକ୍ରିୟା ଧିରେ ଧିରେ ହେବା, ଅଧିକ ମାତ୍ରାରେ ଝାଳ ବୋହିବା, ଲାଳ ବୋହିବା, ମସ୍ତିଷ୍କ ଭ୍ରମ ହେବା, ଦେହ ଥରିବା, ରକ୍ତ ସଂଚାଳନ ଓ ଶ୍ୱାସକ୍ରିୟା ବନ୍ଦ ହୋଇ ରୋଗୀ ଅଚେତ ହୋଇଯିବା ଆଦି ଲକ୍ଷଣ ଦେଖାଯାଏ ।

### ଚିକିତ୍ସା

୧) ରୋଗୀକୁ ଖୋଲାଯାଗାକୁ ନେଇଯାଆନ୍ତୁ । ଶ୍ୱାସନଳୀରେ ପାଇପ୍ ପୁରାଇ ସଫା କରନ୍ତୁ । ଦରକାର ପଡ଼ିଲେ କୃତ୍ରିମ ଉପାୟରେ ଶ୍ୱାସକ୍ରିୟା କରାନ୍ତୁ କିମ୍ବା ଅମ୍ଳଜାନ ଦିଅନ୍ତୁ ।

୨) ପ୍ରତି ୫-୧୦ ମିନିଟ୍ ବ୍ୟବଧାନରେ ବଡ଼ ମଣିଷ ପ୍ରତି ୨-୪ ମି.ଗ୍ରା. ଆଟ୍ରୋପିନ୍ ସଲ୍‌ଫେଟ୍, ପିଲାଙ୍କ ପ୍ରତି ଶରୀରର ଓଜନ (୦.୦୪ ରୁ ୦.୮ ମି.ଗ୍ରା. / କି.ଗ୍ରା.) ସଂପୂର୍ଣ୍ଣ ଶରୀରରେ ପୂର୍ଣ୍ଣ ହୋଇଯିବା ପର୍ଯ୍ୟନ୍ତ ଶିରା ମଧ୍ୟକୁ ପ୍ରବେଶ କରାନ୍ତୁ । ଆଟ୍ରୋପିନ ଇଞ୍ଜେକସନ୍‌କୁ ଅତିକମ୍‌ରେ ୨୪-୪୮ ଘଣ୍ଟା ପର୍ଯ୍ୟନ୍ତ ଚାଲୁ ରଖନ୍ତୁ ଓ ରୋଗୀକୁ ସମ୍ପୂର୍ଣ୍ଣ ଚିକିତ୍ସାରେ ରଖନ୍ତୁ ।

୩. ଦେହ ଥରିବା ଏବଂ ବ୍ୟସ୍ତତା ଲକ୍ଷଣ ଥିଲେ ମାଂସପେଶୀ ମଧ୍ୟକୁ ୫-୧୦ ମି.ଗ୍ରା. ଡାଇଜିପାମ୍ ପ୍ରବେଶ କରାନ୍ତୁ ।

୪. ରୋଗୀକୁ ସଂପୂର୍ଣ୍ଣ ଆଟ୍ରୋପିନାଇଜ୍ କରିବା ସମୟରେ ଅକ୍ସିମ୍ କିମ୍ବା ୨ ପାମ୍ ୧୦୦୦-୨୦୦୦ ମି.ଗ୍ରା. ମାଂସପେଶୀ କିମ୍ବା ଶିରା ମଧ୍ୟକୁ ଦିଅନ୍ତୁ । ଆବଶ୍ୟକ ପଡ଼ିଲେ ୧-୨ ଘଣ୍ଟା ପରେ ପୁଣି ଦିଅନ୍ତୁ । ପିଲାମାନଙ୍କୁ ୪-୮ ଗ୍ରାମ୍/ କି.ଗ୍ରା. ଶରୀରର ଓଜନ ଦରକାର ହୁଏ ।

## ଗ) କାର୍ବାମେଟ୍

(କାର୍ବୋସଲ୍‌ଫାନ୍, କାର୍ବୋଫ୍ୟୁରାନ୍, ଥାୟୋଡିକାର୍ବ, କାର୍ବେଣ୍ଡାଜିମ୍, କାର୍ବୋକ୍ସିନ୍, ଫେନୋବ୍ୟୁକାର୍ବ) । କାର୍ବାମେଟ୍ ଜାତୀୟ ବିଷର ବିଷାକ୍ତ ଲକ୍ଷଣ ଓ କାର୍ଯ୍ୟପ୍ରଣାଳୀ ଅର୍ଗାନୋଫସ୍‌ଫେଟ୍ ଜାତୀୟ ବିଷ ସହ ପ୍ରାୟ ସମାନ, ତଥାପି ଏହାର ବିଷାକ୍ତତା ଅର୍ଗାନୋଫସ୍‌ଫେଟ୍ ଅପେକ୍ଷା ଶୀଘ୍ର ।

### ଚିକିତ୍ସା

୧. ଅର୍ଗାନୋଫସ୍‌ଫେଟ୍ ଜାତୀୟ ବିଷ ପାଇଁ କୁହାଯାଇଥିବା ଆଟ୍ରୋପିନ୍ ଚିକିତ୍ସା କରନ୍ତୁ ।

୨. ମରଫିନ୍, ଫେନୋଥାୟାନିକ୍, ସକ୍ସିନାଇଲ କ୍ଲୋରାଇଡ୍, ଜାନ୍ଥୋନିନ୍ ଡେରିଭେଟିବ, ଇପିନିଫେରିଡ୍, ବାରବିଟ୍ୟୁରେଟ୍ ଆଦି ବ୍ୟବହାର କରାଯାଇପାରେ ।

୩. ରୋଗୀ ଥରିଲେ ଡାଇଜିପାମ୍ ଦେବାକୁ ହୁଏ । କଦାପି ୨ ପାମ୍ ଇଞ୍ଜେକ୍ସନ୍ ଦିଅନ୍ତୁ ନାହିଁ ।

୪. ଡାଇଥାୟୋକାର୍ବାମେଟ୍ ପାଇଁ ମଧ୍ୟ ଏହି ଲକ୍ଷଣ ଓ ଚିକିତ୍ସା ପଦ୍ଧତି ଅନୁସରଣ କରାଯାଏ ।

## ଘ) ସିନ୍ଥେଟିକ୍ ପାଇରିଥ୍ରଏଡ୍ସ୍

(ସାଇପର୍‌ମେଥ୍ରିନ୍, ଡେଲ୍‌ଟାମେଥ୍ରିନ୍, ଫେନ୍‌ପ୍ରୋପାଥ୍ରିନ୍, ଫେନ୍‌ଭାଲେରେଟ୍, ଫ୍ଳୁଭାଲିନେଟ୍, ପର୍‌ମେଥ୍ରିନ୍) ଏହି ଶ୍ରେଣୀର ଜୀବନାଶକ ଗୁଡ଼ିକର ମୁଖଦ୍ୱାରା ବିଷାକ୍ତ ମଧ୍ୟମ ଓ ଚର୍ମଦ୍ୱାରା ବିଷାକ୍ତତା ଲକ୍ଷଣ କମ୍ ।

### ବିଷାକ୍ତତା ଲକ୍ଷଣ

ନାକ କୁଣ୍ଡାଇ ହେବା, ସିଘଂାଣି ବାହାରିବା, ଲାଳ ବାହାରିବା, ଥରିବା ଇତ୍ୟାଦି । କେତେକ ପାଇରିଥ୍ରଏଡ୍ ଦ୍ୱାରା ମଳଦ୍ୱାର କୁଣ୍ଡାଇ ମଧ ହୋଇଥାଏ ।

### ଚିକିତ୍ସା

୧) ରୋଗୀକୁ ଭଲ ଭାବରେ ସଫା କରି ଦିଅନ୍ତୁ ।

୨) ଚର୍ମ ସଂକ୍ରମଣ ହୋଇ ପୋଡ଼ାଜଳା ହେଉଥିଲେ ରୋଗୀକୁ ଖୋଲାଯାଗାକୁ ନିଅନ୍ତୁ ।

୩) ଲକ୍ଷଣ ଅନୁଯାୟୀ ଚିକିତ୍ସ କରନ୍ତୁ ।

୪) ଅଧିକ ମାତ୍ରାରେ ପେଟ ମଧକୁ ଯାଇଥିଲେ ସାଲାଇନ୍ କାର୍ଥାଟିକ୍ ଓ ସୋଡ଼ିୟମ ସଲ୍‌ଫେଟ୍ ଦେଇ ପେଟକୁ ଭଲ ଭାବରେ ଧୋଇ ଦିଅନ୍ତୁ ।

୫) ଆକ୍ଟିଭେଟେଟ୍ ଚାରକୋଲ୍ ଦିଅନ୍ତୁ ।

୬) ଡାଇଜିପାମ୍ କିମ୍ବା ବାର୍‌ବିଟ୍ୟୁରେଟ୍ସ୍ ଦେଇ ଅଚେତ ବନ୍ଦ ରଖନ୍ତୁ ।

## ଙ) ନୂତନ ପିଢ଼ିର ଜୀବନାଶକ

ନିଓନିକୋଟିନଏଡ୍ସ (ଇମିଡାକ୍ଲୋପ୍ରିଡ୍, ଥାୟାମେଥୋକ୍‌ଜାମ୍, ଏସିଟାମିପ୍ରିଡ୍, କ୍ଲୋଥାୟାନିଡିନ୍, ଥାୟାକ୍ଲୋପ୍ରିଡ୍, ଡାଇନୋଟେଫ୍ୟୁରାନ୍), ଫିପ୍ରୋନିଲ୍, ଇଣ୍ଡକ୍ସାକାର୍ବ,

ଡାୟାଫେନଥ୍ୟୁରନ୍, କ୍ଲୋରଫେନାପିର୍, କ୍ଲୋରାନଟ୍ରାନିଲିପ୍ରୋଲ୍, ସାୟାନ୍ଟ୍ରାନିଲିପ୍ରୋଲ୍, ଫ୍ଲୁବେଣ୍ଡିଆମାଇଡ୍, ସ୍ପିନୋସାଡ୍, ଆବାମେକ୍ଟିନ୍, ସ୍ପାଇରୋମେସିଫେନ୍, ସ୍ପାଇରୋଟେଟ୍ରାମାଟ୍ ଇତ୍ୟାଦି ।

## ଚିକିତ୍ସା

କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନାହିଁ । ଲକ୍ଷଣ ଅନୁଯାୟୀ ଚିକିତ୍ସା କରିବାକୁ ହୁଏ ।

## ଚ) ଡାଇନାଇଟ୍ରୋଫିନୋଲିକ୍ କମ୍ପାଉଣ୍ଡ

ଡାଇନୋପାକ୍ରାଇଲ୍, ଡାଇନାଇଟ୍ରୋପ୍ରିନଲ, ସଂକ୍ରମଣ ହେବାର ମୁଖ୍ୟ ଲକ୍ଷଣ, ରୋଗୀ ଥରିବା, ଶ୍ୱାସକ୍ରିୟାରେ ପ୍ରଖରତା, ଝାଳ ବୋହିବା, ଅଣନିଃଶ୍ୱାସୀ ଲାଗିବା, ଶୋଷ ଲାଗିବା, ଦେହର ଉତ୍ତାପ ବୃଦ୍ଧି ପାଇବା, ଛାତି ଥରିବା, ରୋଗୀ ଅଚେତ ହୋଇଯିବା, ଶରୀରର ଓଜନ କମିଯିବା ଆଦି ଲକ୍ଷଣ ଦେଖାଯାଏ ।

## ଚିକିତ୍ସା

୧) ରୋଗୀକୁ ଖୋଲା ଯାଗାକୁ ନେଇଯାଆନ୍ତୁ । ସଂକ୍ରମିତ ହୋଇଥିବା ପୋଷାକ ପତ୍ର କାଢ଼ି ଦିଅନ୍ତୁ । ପାଟି ଓ ତଣ୍ଟିକୁ ଭଲଭାବରେ ଧୋଇ ଦିଅନ୍ତୁ ।

୨. ରୋଗୀକୁ ଶ୍ୱାସକ୍ରିୟା କରିବାରେ ସାହାଯ୍ୟ କରନ୍ତୁ ।

୩. ନିଃଶ୍ୱାସ ବନ୍ଦ ହୋଇ ଯାଉଥିଲେ କୃତିମ ଶ୍ୱାସକ୍ରିୟା କରାନ୍ତୁ ଓ ଅମ୍ଳଜାନ ଦିଅନ୍ତୁ ।

୪. ଏପରି ଅବସ୍ଥା ସୁଧୁରିଗଲେ ରୋଗୀର ପେଟ ଭିତରୁ ବିଷକୁ ଖୁବ୍ ଶୀଘ୍ର ବାହାର କରି ଦିଅନ୍ତୁ । ଏଥିପାଇଁ ଏପିକାସିରପ୍ କିମ୍ବା ସାଲାଇନ୍ କାଥାରାଟିକ୍ କିମ୍ବା ସୋଡ଼ିୟମ ସଲଫେଟ୍ ପାଣି ବ୍ୟବହାର କରାଯାଏ ।

୫. ଦେହର ଉତ୍ତାପ ବୃଦ୍ଧି ପାଇଲେ ମୁଣ୍ଡରେ ବରଫ ପାଣି ଦେଇ ଓ ବିଞ୍ଚଣା କିମ୍ବା ଫ୍ୟାନ୍‌ରେ ପବନ ଦେଇ ଉତ୍ତାପ କମାଇବାକୁ ହଏ ।

୬. ଆସପିରିନ୍ କିମ୍ବା ଅନ୍ୟ ଆଣ୍ଟିପାଇରାଟିସ୍ ବ୍ୟବହାର କରନ୍ତୁ ନାହିଁ ।

## ଛ) ବାଇପ୍ୟାରିଡାଇଲିୟମ

(ବାଇକ୍ୱଏଟ୍, ପାରାକ୍ୟୁଏଟ୍) ବାଇପ୍ୟାରିଡାଇଲିୟମ ପେଟ ଭିତରକୁ ପ୍ରବେଶ କଲେ ଅତ୍ୟନ୍ତ କ୍ଷତିକାରକ ଏବଂ ଚର୍ମଦ୍ୱାରା ସଂକ୍ରମଣ ହେଲେ କ୍ଷତିକାରକ । ପେଟ

ମଧ୍ୟରେ ଫୁସ୍‌ଫୁସ୍ ସଂକ୍ରମଣ ହେଉଥିବା ବେଳେ ଚର୍ମ ସଂସ୍ପର୍ଶରେ ଆସିଲେ କୁଣ୍ଡାଇ ହୁଏ ଓ ଜ୍ୱଳନ ହୁଏ ।

## ବିଷାକ୍ତତାର ଲକ୍ଷଣ

ପ୍ରାଥମିକ ଅବସ୍ଥାରେ ପାଟି କୁଣ୍ଡାଇ ହେବା, ଗଳା କୁଣ୍ଡାଇ ହେବା, ଅଣନିଃଶ୍ୱାସୀ ଲାଗିବା, ବାନ୍ତି ଲାଗିବା, ତଳିପେଟ ବଥାଇବା ଏବଂ ପତଳା ଝାଡ଼ା ହେବା ଲକ୍ଷଣ ଦେଖାଯାଏ । ପରେ ପରେ (୧-୩ ଦିନ ମଧ୍ୟରେ) କିଡ୍‌ନି ଓ ଲିଭର କ୍ଷତିଗ୍ରସ୍ତ ହେବା, ନିଶ୍ୱାସ ଓ ପ୍ରଶ୍ୱାସ ନେବାରେ କଷ୍ଟ ହେବାର ସମ୍ଭାବନା ରହିଛି ।

## ଚିକିତ୍ସା

୧. ରୋଗୀ ଅଚେତ୍ ହୋଇ ନଥିଲେ ବାନ୍ତି କରାଇ ଦିଅନ୍ତୁ ।

୨. ଗ୍ୟାଷ୍ଟ୍ରିକ୍ ଲ୍ୟାଭେଜ୍ ଦିଅନ୍ତୁ ଏବଂ ଗ୍ୟାଷ୍ଟ୍ରିକ୍ ଟ୍ୟୁବ୍‌ଟି ସେହି ଜାଗାରେ ରଖି ଦିଅନ୍ତୁ । ଶତକଡ଼ା ୩୦ ଭାଗଥିବା ୧ ଲିଟର ଫୁଲର୍ସ ଆର୍ଥ ସୋଡ଼ିୟମ୍ ସଲଫେଟ୍ ମିଶାଇ ଦିଅନ୍ତୁ । ଝାଡ଼ାରେ ଫୁଲର୍ସ ଆର୍ଥ ଆସିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରଖନ୍ତୁ । ଏହା ସାଧାରଣତଃ ଚିକିତ୍ସା ଆରମ୍ଭରୁ ୪-୬ ଘଣ୍ଟା ପର୍ଯ୍ୟନ୍ତ ସମୟ ନିଏ ।

୩. ଫୁଲର୍ସ ଆର୍ଥ ନମିଳିଲେ ଚାରକୋଲ୍ ୫୦ ଗ୍ରାମ୍, ୧୫୦ ମି.ଲି. ପାଣି ଓ ୮ଟି ଅଣ୍ଡାର ଧଳାଅଂଶ ମିଶାଇ ଖାଇବାକୁ ଦିଅନ୍ତୁ ।

୪. ପ୍ରଥମ ୪୮ ଘଣ୍ଟା ପର୍ଯ୍ୟନ୍ତ ଅମ୍ଳଜାନ ଦିଅନ୍ତୁ ନାହିଁ ।

୫. ସୁବିଧା ଥିଲେ ହେମୋଡାୟାଲିସିସ୍ ଓ ହେମୋପ୍ରୋଫ୍ୟୁଜନ୍ କରାନ୍ତୁ ।

୬. କିଡ୍‌ନି କ୍ଷତିଗ୍ରସ୍ତ ସମ୍ଭାବନା ଥିବାରୁ ପରିଶ୍ରାକୁ କାଢ଼ିବାର ବ୍ୟବସ୍ଥା କରନ୍ତୁ ।

୭. ଅଧିକ ମାତ୍ରାରେ ଭିଟାମିନ୍ 'ସି' ଏବଂ 'ଇ' ପ୍ରାଥମିକ ଅବସ୍ଥାରେ ଦେଲେ ଅଧିକ ସୁଫଳ ମିଳେ ।

## ଜ) ଜିଙ୍କ୍ ଏବଂ ଆଲୁମିନିୟମ୍ ଫସ୍‌ଫାଇଡ୍

ଏହି ଫସ୍‌ଫାଇଡ୍ ଗୁଡ଼ିକ ପାଣି ଓ ହାଇଡ୍ରୋକ୍ଲୋରିନ୍ ଅମ୍ଳ ସହ ଖାଦ୍ୟ ନଳୀ ମଧ୍ୟରେ ବିଘଟିତ ହୋଇ ଫସ୍‌ଫିନ୍ ଗ୍ୟାସ ନିର୍ଗତ କରେ ।

## ବିଷାକ୍ତତାର ଲକ୍ଷଣ

ଫସ୍ଫାଇଡ୍ ଦ୍ୱାରା ଶ୍ୱାସନଳୀ ସଂକ୍ରମିତ ହୋଇଥିଲେ ରକ୍ତଚାପ କମିଯାଏ । ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏ । ବାନ୍ତି ହୁଏ, ରକ୍ତ ସଂଚାଳନ କମିଯାଏ, ରୋଗୀ ଥରେ ଓ ଅଚେତ ହୁଏ । ପେଟ ମଧ୍ୟକୁ ଯାଇଥିଲେ ଅତ୍ୟଧିକ ପେଟ ବ୍ୟଥା ହୁଏ, ନିଃଶ୍ୱାସ ନେବାରେ ବାଧାହୁଏ, ବାନ୍ତିଲାଗେ, ତଳିପେଟ ବଥାଏ । ପରେ ପରେ କଫ ହୁଏ, ଅଣନିଃଶ୍ୱାସୀ ଲାଗେ । ଅତ୍ୟଧିକ ସଂକ୍ରମଣ ହୋଇଥିଲେ ଯକୃତ ଓ କିଡ୍ନି କ୍ଷତିଗ୍ରସ୍ତ ହୁଏ ।

## ଚିକିତ୍ସା

୧. ପେଟକୁ ଭଲଭାବରେ ସଫା କରନ୍ତୁ ଓ ତଳିପେଟ ବଥା କମ୍ କରିବା ପାଇଁ ମରଫିନ୍ ଦିଅନ୍ତୁ । ଶ୍ୱାସକ୍ରିୟା ଠିକ୍ କରିବା ପାଇଁ ଅମ୍ଳଜାନ ଦିଅନ୍ତୁ । ରୋଗୀ ଥରିଲେ ଅଧିକ ମାତ୍ରାରେ କୋର୍ଟିକେଇଷ୍ଟର ଦିଅନ୍ତୁ ଏବଂ ରୋଗୀକୁ ରକ୍ତ ଦିଅନ୍ତୁ ।

## ୯) ପ୍ରତିଘନିକରଣ ବିଷ

(ବ୍ରୋମାଡିୟୋଲନ୍, କ୍ୟୁମାକ୍ଲୋର, ଓ୍ୱାରାଫାରିନ୍) ଏହି ଶ୍ରେଣୀର ବିଷ - ପ୍ରୋଥ୍ରୋମ୍ବିନ୍ ପରିମାଣକୁ କମାଇବାରେ ସାହାଯ୍ୟ କରେ ଫଳରେ ରକ୍ତ ଜମାଟ ବାନ୍ଧେ ନାହିଁ ।

## ବିଷାକ୍ତତାର ଲକ୍ଷଣ

ଅଣନିଃଶ୍ୱାସୀ ଲାଗିବା, ବାନ୍ତି ଲଗିବା, ପତଳା ଝାଡ଼ା ହେବା, ବଦ୍‌ହଜମୀ ହେବା, ନାକରୁ ରକ୍ତ ପଡ଼ିବା, ଦାନ୍ତ ମାଢ଼ିରୁ ରକ୍ତ ପଡ଼ିବା । ଝାଡ଼ାରେ ଓ ମୂତ୍ରରେ ରକ୍ତ ପଡ଼ିବା, ଶରୀର ମଧ୍ୟରେ ରକ୍ତସ୍ରାବ ହୋଇ ଅଚେତ ହୋଇଯିବା ଇତ୍ୟାଦି ।

## ଚିକିତ୍ସା

୧. ଆକ୍ଟିଭେଟେଡ୍ ଚାରକୋଲଏବଂ ସାଲାଇନ୍ କାଥ୍ରାଡ୍ରିକ୍ ଦେଇ ଅଧା ହଜମ ହୋଇଥିବା ଜିନିଷ କାଢ଼ି ଦିଅନ୍ତୁ ।

୨. ଭିଟାମିନ୍ କେ-୧, ଫାଇଟୋନାଡାଇନ୍ ୧୫-୨୫ ମି.ଗ୍ରା. ଜଣେ ମଣିଷ, ପ୍ରତି ଏବଂ ପିଲାମାନଙ୍କ ପ୍ରତି ୫-୧୦ ମି.ଗ୍ରା. ପାଟିରେ ଖାଇବାକୁ ଦିଅନ୍ତୁ ।

୩. ଅଧିକ ସଂକ୍ରମଣ କ୍ଷେତ୍ରରେ ପିଲାମାନଙ୍କ ପ୍ରତି ୧-୫ ମି.ଗ୍ରା. ଓ ବଡ଼ ମନୁଷ୍ୟମାନଙ୍କ ପ୍ରତି ୧-୫ ମି.ଗ୍ରା. ଆଗ୍ନୋମେଫାଇଟନ୍ ଚର୍ମତଳେ କିମ୍ବା ଶିରାମଧ୍ୟରେ ଇଞ୍ଜେକ୍ସନ୍ ଅକାରରେ ଦିଅନ୍ତୁ ।

## ଝ) ପାରଦଜାତୀୟ ବିଷ (ଏମ୍.ଇ.ଏମ୍.ସି.)

ଅନେକ ଦିନ ରହେ ଓ ଅତ୍ୟନ୍ତ ବିଷାକ୍ତ । ଏଗୁଡ଼ିକ ସ୍ନାୟୁମାନଙ୍କୁ ସଂକ୍ରମଣ କରି ସାଂଘାତିକ କ୍ଷତି କରିଥାନ୍ତି ।

### ବିଷାକ୍ତତାର ଲକ୍ଷଣ

ବିଷାକ୍ତତାର ଲକ୍ଷଣ ଅତ୍ୟନ୍ତ ଧିଳେ ଥରେ । ଆଙ୍ଗୁଠି ବଙ୍କା ହୋଇ ଝିମ୍ ଝିମ୍ ହେବା, ଜିଭ ଶୁଖିଯିବା, ମୁଣ୍ଡ ବିନ୍ଧିବା, ଅବସ ଲାଗିବା, ପେଟ ବଥାଇବା ଓ ରକ୍ତସ୍ରାବ ହେବା, ଆଖିକୁ ଭଲ ଦେଖା ନଯିବା, ଏକୁଟିଆ ଲାଗିବା, ପାଟି ଖନି ମାରିବା, ଚର୍ମ ଶୁଖିଯିବା ଓ କୁଣ୍ଡାଇହେବା ଇତ୍ୟାଦି ଲକ୍ଷଣ ଦେଖାଯାଏ ।

### ଚିକିତ୍ସା

୧. ଦୁଧ କିମ୍ବା ଅଣ୍ଡାର ଧଳା ଅଂଶ ଦିଅନ୍ତୁ ଓ ପରେ ପରେ ବାନ୍ତି କରାନ୍ତୁ ।
୨. ଗାଷ୍ଟିକ୍‌ଲ୍ୟାବେଲ୍, କୋଲିନ୍, ସୋଡ଼ିୟମ୍ ଫର୍ମାଲ୍‌ଡିହାଇଡ୍ ସଲ୍‌ଫୋଅ କ୍ସିଲେଟ୍ ଦ୍ରବଣ କିମ୍ବା ସଙ୍ଗେ ସଙ୍ଗେ ତିଆରି ହୋଇଥିବା ୧୦୦-୨୦୦ ମି.ଲି. ସୋଡ଼ିୟମ୍ ସାୟାନାଇଡି ସଲଫୋସାଇଲେଟ୍ ଦ୍ରବଣ ଶିରା ମଧ୍ୟକୁ ଦିଅନ୍ତୁ ।
୩. ୧୦ ଶତାଂଶ ୧୦୦ ମି.ଲି. କ୍ୟାଲ୍‌ସିୟମ୍ ଗ୍ଲୁକୋନେଟ୍ ଦ୍ରବଣ ଶୀରାମଧ୍ୟକୁ ଦିଅନ୍ତୁ ।

## ଟ) ଧୂମକ ବିଷ

(ଇଥିଲିନ୍ ଡାଇବ୍ରୋମାଇଡ୍, ମିଥାଇଲ୍ ବ୍ରୋମାଇଡ୍, ସୋଡ଼ିୟମ୍ ସାୟାନାଇଡ୍)

ଧୂମକ ବିଷ - ଅତ୍ୟନ୍ତ କ୍ଷତିକାରକ ତେଣୁ ଏହା ନିବଦ୍ଧ ଅଞ୍ଚଳରେ ସାଇତା ଶସ୍ୟକୁ କ୍ଷତି କରୁଥିବା ପୋକମାନଙ୍କୁ ନିୟନ୍ତ୍ରଣ ପାଇଁ ବ୍ୟବହାର ହୁଏ ।

### ବିଷାକ୍ତତାର ଲକ୍ଷଣ

ଏହି ବିଷାକ୍ତ ଗ୍ୟାସ୍ ଶ୍ୱାସ ନଳୀ ଦ୍ୱାରା ଦେହକୁ ପ୍ରବେଶ କରେ ଓ ଫୁସ୍ ଫୁସ୍ କ୍ଷତିଗ୍ରସ୍ତ ହୁଏ । ନିଶ୍ୱାସ ପ୍ରଶ୍ୱାସ ନେବାରେ ବାଧା ଉପୁଜେ, ସ୍ନାୟୁସଂସ୍ଥା କ୍ଷତିଗ୍ରସ୍ତ ହୁଏ ।

ପେଟ ମଧ୍ୟକୁ ଗଲେ ଅଣ ନିଶ୍ୱାସୀ ଲାଗିବା, ବାନ୍ତିଲାଗିବା, ଘୁମଲାଗିବା, ଥରିବା, ଅବସ ଲାଗିବା ଏବଂ ଚେତାଶୂନ୍ୟ ହେବା ଆଦି ଲକ୍ଷଣ ଦେଖାଯାଏ ।

### ଚିକିତ୍ସା

୧. କୃତ୍ରିମ ଉପାୟରେ ଶ୍ୱାସକ୍ରିୟା କରାନ୍ତୁ କିମ୍ବା ଅମ୍ଳଜାନ ଦିଅନ୍ତୁ ।

୨. ପ୍ରଥମେ ଆମିନୋଫାଇଲିନ୍ ୧ ମି.ଗ୍ରା. / କି.ଗ୍ରା. ଶରୀରର ଓଜନ ପ୍ରତି ଶିରା ମଧ୍ୟକୁ ପ୍ରବେଶ କରାନ୍ତୁ । ପରେ ପରେ ପ୍ରତି ଘଣ୍ଟାରେ ୦.୬ ମି.ଗ୍ରା./ କି.ଗ୍ରା. ଶରୀର ପ୍ରତି ପ୍ରବେଶ କରାନ୍ତୁ ।

୩. ଦରକାର ହେଲେ ମରଫିନ୍ ଦିଅନ୍ତୁ ।

୪. ଫ୍ୟୁରୋସୋମାଇଡ୍ ପିଲାମାନଙ୍କ ପାଇଁ ୦.୫-୧.୫ ମି.ଗ୍ରା. / କି.ଗ୍ରା. ଶରୀରର ଓଜନ ଓ ବଡ଼ମାନଙ୍କ ପାଇଁ ୪୦ ମି.ଗ୍ରା./ କି.ଗ୍ରା. ଶରୀରର ଓଜନ ହିସାବରେ ଶିରାମଧ୍ୟକୁ ପ୍ରବେଶ କରାନ୍ତୁ ।

୫. ଲେବଲ୍ ଉପରେ ଦିଆଯାଇଥିବା ଚିକିତ୍ସା ପ୍ରଣାଳୀ ଅନୁସରଣ କରାନ୍ତୁ ।

### କେତେକ ବିଷ ନିବାରକର ବ୍ୟବସାୟିକ ନାମ

| | |
|---|---|
| ଡାଇଜିପାମ୍ : | କାଲ୍ମୋଜ୍, ଲୋରି, ପାସିକ୍ୟୁଲ, ଟେନିଲ୍, ଭାଲିୟମ୍ |
| ଫେନୋ ବାର୍ବିଟଲ : | ଗାର୍ଡ଼ନେଲ୍ |
| ପାମ୍ : | ନିଓପାମ୍, ପାମ୍, ପାମ୍ ପ୍ଲସ୍, ପାମ୍-ଏ-କୋରିଆ |
| ଡାଇମର୍କାପୋଲ : | ବାଲ୍ ଇଞ୍ଜେକ୍ସନ୍ |

**ସାବଧାନତା :** ବିଷ ନିବାରକ କେବଳ ବିଷାକ୍ତ ଜୀବନାଶକ ପ୍ରଭାବରୁ ଅସୁସ୍ଥ ରୋଗୀର ଚିକିତ୍ସା ପାଇଁ ବ୍ୟବହାର କରିବା ଉଚିତ୍ । ଏହାର ପ୍ରୟୋଗ ପଞ୍ଜିକୃତ ଡାକ୍ତରଙ୍କ ଦ୍ୱାରା ହେବା ନିହାତି ଦରକାର ।

**ସତ୍ୱ ଅସ୍ୱୀକାର (DISCLAIMER) :** ଉକ୍ତ ଅଧ୍ୟାୟରେ ଦିଆଯାଇଥିବା ତଥ୍ୟ କେବଳ ପାଠକଙ୍କ ଅବଗତି ନିମନ୍ତେ ଦିଆଯାଇଛି । ବିଷାକ୍ତ ଜୀବନାଶକ ପ୍ରଭାବରୁ ଅସୁସ୍ଥ ରୋଗୀର ଚିକିତ୍ସା କେବଳ ପଞ୍ଜିକୃତ ଡାକ୍ତରଙ୍କ ପରାମର୍ଶରେ ହେବା ଉଚିତ୍ ।

କୃଷି ସୂଚନା କେନ୍ଦ୍ର, ଭୁବନେଶ୍ୱର, ଜୁଲାଇ ୨୦୧୯ - **୬,୦୦୦**



ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ୨୦୧୯-୨୦ରେ 'ବିଷାକ୍ତ ଜୀବନାଶକର ସଠିକ୍ ଓ ନିରାପଦ ବ୍ୟବହାର' ପ୍ରଶିକ୍ଷକ ତାଲିମ୍‌ରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।

କୃଷି ସୂଚନା ଓ ସରବରାହ ସଂସ୍ଥା
ଭୁବନେଶ୍ୱର, ଜୁଲାଇ - ୨୦୧୯ - ୬୦୦୦